# NATIONAL NEWS BULLETIN (ODIA)
## 31 March - 2025
## Morning Bulletin : 7.15 a.m.
**********************************

## ମୁଖ୍ୟ ସମ୍ବାଦ

- ମୁମ୍ବାଇଠାରେ ଚାଲିଥିବା ଭାରତୀୟ ରିଜର୍ଭବ୍ୟାଙ୍କର ବାର୍ଷିକୀ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଆସନ୍ତାକାଲି ଯୋଗଦେବେ ରାଷ୍ଟ୍ରପତି
- କଟରା-କାଶ୍ମୀର ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳର ଆସନ୍ତା ୧୯ ତାରିଖରେ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ
- ଆସାମର ଡିବ୍ରୁଗଡ଼ ଜିଲ୍ଲାରୁ ଅଫ୍‌ସ୍‌ପା ଆଇନକୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଲେ ରାଜ୍ୟ ସରକାର
- ଆଜି ପାଳନ କରାଯାଉଛି ଇଦ୍-ଉଲ୍-ଫିତର

  – ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ୬ ରନ୍‌ରେ ପରାସ୍ତ କଲା ରାଜସ୍ଥାନ ରୟାଲ୍‌ସ

## ପ୍ରେଜ୍-ମୁମ୍ବାଇ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଦୁଇଦିନିଆ ମୁମ୍ବାଇ ଗସ୍ତରେ ଯିବେ । ସନ୍ଧ୍ୟାରେ ମୁମ୍ବାଇଠାରେ ପହଞ୍ଚି ଆସନ୍ତାକାଲି ଭାରତୀୟ ରିଜର୍ଭ ବ୍ୟାଙ୍କର ୯୦ତମ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ବନ୍ଦେ ଭାରତ ଏକ୍ସପ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୯ ତାରିଖରେ କଟରାରୁ କାଶ୍ମୀରକୁ ଚଳାଚଳ କରିବାକୁ ଥିବା ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବେ । ଜାମ୍ମୁରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗତକାଲି ଏ ସଂପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି, ପ୍ରଧାନମନ୍ତ୍ରୀ ୧୯ ତାରିଖରେ ଉଧମପୁରରେ ପହଞ୍ଚିବେ । ବିଶ୍ୱର ଏହି ସର୍ବୋଚ୍ଚ ରେଳପୋଲ ପରିଦର୍ଶନ କରିବା ସହ ଏହାର ଉଦ୍‌ଘାଟନ କରିବେ । ଏହାପରେ କଟରାରୁ ବନ୍ଦେ ଭାରତ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ଜାମ୍ମୁ  ଷ୍ଟେସନର ନବୀକରଣ ଚାଲିଥିବାରୁ ଏହି ଟ୍ରେନ୍‌ଟି ପ୍ରଥମେ କଟରାରୁ ଚାଲିବ । ୧୯୯୭ ମସିହାରୁ  ଏହି ବହୁ ପ୍ରତୀକ୍ଷିତ ରେଳ ପ୍ରକଳ୍ପ ଆରମ୍ଭ କରାଯାଇଥିଲା । ଏଥିରେ ୩୮ଟି ସୁଡ଼ଙ୍ଗ, ୯୨୭ଟି ପୋଲ, ୧ହଜାର ୩୧୫ ମିଟର ଦୀର୍ଘ ଚେନାବ ବ୍ରିଜ୍ ରହିଛି, ଯାହାକି ଆଇଫେଲ୍ ଟାୱାର ଠାରୁ ଉଚ୍ଚରେ ଅବସ୍ଥିତ । ୨୭୨

କିଲୋମିଟର ଉଧମପୁର-ଶ୍ରୀନଗର-ବାରମୂଲା ଏହି ରେଳ ସଂଯୋଗ ଫଳରେ ଜାମ୍ମୁ ଏବଂ ଶ୍ରୀନଗର ମଧ୍ୟରେ ଯାତ୍ରା ସମୟ ହ୍ରାସ ପାଇବା ସହ ଆଞ୍ଚଳିକ ଯୋଗାଯୋଗରେ ଉନ୍ନତି ଆଣିବ ବୋଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି।

# ଆଇଏଏଫ୍-ଗ୍ରୀସ୍

ଗ୍ରୀସ୍‌ରେ ଆଜିଠାରୁ ଆରମ୍ଭ ହେଉଥିବା ବହୁରାଷ୍ଟ୍ରୀୟ ବାୟୁସେନା ସମରାଭ୍ୟାସରେ ଭାରତ ଅଂଶ ଗ୍ରହଣ କରିବ । ଗ୍ରୀସ୍‌ର ହେଲେନିକ୍ ବାୟୁସେନା ଦ୍ୱାରା ଆୟୋଜିତ ଏହି ୧୨ ଦିନିଆ ସମରାଭ୍ୟାସ ଏଲିସ୍‌ର ଐତିହାସିକ ଅଞ୍ଚଳରେ ଥିବା ଆନ୍ଦ୍ରାଭିଡ଼ା ବାୟୁସେନା ଘାଟିରେ ଅନୁଷ୍ଠିତ ହେବ । ଏପ୍ରିଲ୍ ମାସ ୧୧ ତାରିଖରେ ଏହି ସମରାଭ୍ୟାସ ଉଦ୍‌ଯାପିତ ହେବ । ଭାରତୀୟ ବାୟୁସେନା ପକ୍ଷରୁ ଏସ୍‌ୟୁ-୩୦ ଏମ୍‌କେଆଇ ଲଢୁଆ ବିମାନ ସହିତ ଆଇଏଲ୍-୭୮ ଏବଂ ସି-୧୭ ବିମାନ ଏହି ସମରାଭ୍ୟାସରେ ଅଂଶ ଗ୍ରହଣ କରୁଛନ୍ତି । ବିଭିନ୍ନ ଦେଶର ବାୟୁସେନା ମଧ୍ୟରେ ଆନ୍ତର୍ଜାତିକ ସହଯୋଗ, ସମନ୍ୱୟ ଏବଂ ଆନ୍ତଃକ୍ରିୟାଶୀଳତାକୁ ବୃଦ୍ଧି କରିବା ଲକ୍ଷ୍ୟରେ ଏହି ସମରାଭ୍ୟାସର ଆୟୋଜନ କରାଯାଇଛି । ଏହି ଅଭିଯାନ ଦ୍ୱାରା ଭାରତର ରଣନୈତିକ ଭାଗିଦାରିତା ଆହୁରି ସୁଦୃଢ଼ ହେବା ସହିତ ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାଗିଦାରୀ ସାମର୍ଥ୍ୟକୁ ଅଧିକ ତ୍ୱରାନ୍ୱିତ ହେବ ।

# ଆଫ୍‌ସା ଆସାମ

ଡିବ୍ରୁଗଡ଼ ଜିଲ୍ଲାରେ ସଶସ୍ତ୍ର ବାହିନୀ ସ୍ୱତନ୍ତ୍ର କ୍ଷମତା ଆଇନକୁ ଆଉ ବୃଦ୍ଧି ନ କରିବାକୁ ଆସାମ ସରକାର ନିଷ୍ପତ୍ତି ନେଇଛନ୍ତି । ଏ ନେଇ ଏକ ବିଜ୍ଞପ୍ତି ଜାରି କରି ସରକାର କହିଛନ୍ତି, ଆଇନଶୃଙ୍ଖଳା ପରିସ୍ଥିତିରେ ଉନ୍ନତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ସଶସ୍ତ୍ର ବାହିନୀ ସ୍ୱତନ୍ତ୍ର କ୍ଷମତା ଆଇନ ୧୯୫୮ ଅନୁଯାୟୀ ଡିବ୍ରୁଗଡ଼କୁ ଅଶାନ୍ତ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଥିଲା । ତେବେ ତିନ୍‌ସୁକିଆ, ଚରାଇଦେଓ ଏବଂ ଶିବସାଗରରେ ଏହି ଆଇନ୍ ଆଉ ୬ ମାସ ବଳବତ୍ତର ରଖିବାକୁ ରାଜ୍ୟ ସରକାର ସୁପାରିଶ କରିଛନ୍ତି ।

ସୂଚନାଯୋଗ୍ୟ, ଏହି ସ୍ୱତନ୍ତ୍ର ଆଇନର ସମୟସୀମା ଆଜିପର୍ଯ୍ୟନ୍ତ ବଳବତ୍ତର ରହିଥିଲା ।

# ଏନ୍‌ଆଇଏ

ଆମେରିକାକୁ ବେଆଇନ ମାନବ ଚାଲାଣ ଅଭିଯୋଗରେ ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍‌ଆଇଏ ଆଉ ଜଣଙ୍କୁ ଗିରଫ କରିଛି । ଏନ୍‌ଆଇଏ ଦେଇଥିବା ସୂଚନା ଅନୁଯାୟୀ, ଏହି ମାମଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଗଗନଦୀପ ସିଂକୁ ନୂଆଦିଲ୍ଲୀରୁ ଗିରଫ କରାଯାଇଛି । ସେ ଗତବର୍ଷ ଡିସେମ୍ବରରେ ଡଙ୍କିରୁଟ୍‌ରେ ଜଣେ ଭାରତୀୟଙ୍କୁ ଆମେରିକାରେ

ପହଞ୍ଚାଇଥିଲା । ଏଥିପାଇଁ ଗଗନଦୀପ ସେହି ବ୍ୟକ୍ତିଙ୍କଠାରୁ ୪୫ ଲକ୍ଷ ଟଙ୍କା ନେଇଥିଲା । ତଦନ୍ତରୁ ଜଣାପଡ଼ିଛି, ଗଗନଦୀପ ସେହି ବ୍ୟକ୍ତିଙ୍କୁ ସ୍ପେନ୍, ଏଲ୍‌ସାଲ୍‌ଭାଡର, ଗୁଏଟମାଲା ଏବଂ ମେକ୍‌ସିକୋ ଦେଇ ଆମେରିକାରେ ପ୍ରବେଶ କରାଇଥିଲା ।

## ଓଡ଼ିଶା ଦିବସ - ଦିଲ୍ଲୀ

ଉତ୍କଳ ଦିବସ ଉପଲକ୍ଷେ ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ଆସନ୍ତାକାଲି ଓଡ଼ିଶା ଦିବସ ସମାରୋହ-୨୦୨୫ ଅନୁଷ୍ଠିତ ହେବ । ଏଥିରେ ରାଜ୍ୟ ସ୍ଥାପନା ଦିବସ ପାଳନ ହେବା ସହ ରାଜ୍ୟଗଠନରେ ଅମୂଲ୍ୟ ଅବଦାନ ଦେଇଥିବା ବ୍ୟକ୍ତିତ୍ୱମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ । ଏଥିରେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନ ସ୍ଥାନ ପାଇବ । ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ମୁଖ୍ୟ ଆବାସିକ କମିଶନର୍ ବିଶାଲ୍ ଗଗନ କହିଛନ୍ତି, ଓଡ଼ିଶା ଦିବସ ସମାରୋହ କାର୍ଯ୍ୟକ୍ରମରେ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା ପ୍ରଦର୍ଶନ କରାଯିବ । ୨ ହଜାରରୁ ଅଧିକ ଲୋକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଏଥିରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ କେନ୍ଦ୍ରମନ୍ତ୍ରୀଗଣ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ହସ୍ତଶିଳ୍ପ ମେଳା ଆୟୋଜନ ହେବ ବୋଲି ଶ୍ରୀ ଗଗନ କହିଛନ୍ତି ।

# ଇଦ୍-ପ୍ରେଜ୍-ଭିପି

ପବିତ୍ର ରମଜାନ ମାସର ସମାପନ ଅବସରରେ ଆଜି ଇଦ୍-ଉଲ୍-ଫିତର ପର୍ବ ପାଳନ କରାଯାଉଛି । ମୁସଲମାନ ସଂପ୍ରଦାୟ ପକ୍ଷରୁ ଏଥିପାଇଁ ଇଦ୍‌ଗାହ ଏବଂ ମସ୍‌ଜିଦ ଗୁଡ଼ିକରେ ସ୍ୱତନ୍ତ୍ର ନମାଜ ପାଠ କରାଯାଉଛି । ଦିଲ୍ଲୀର ଜାମା ମସ୍‌ଜିଦ୍, ଫତେପୁର ମସ୍‌ଜିଦ୍, ସାହି ଇଦ୍‌ଗାହ ଆଦିରେ ଏଥିପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ, ଏହି ପର୍ବ ଭାଇଚାରା, ସହଯୋଗ ଏବଂ କରୁଣାର ଭାବନାକୁ ସୁଦୃଢ଼ କରିଥାଏ ବୋଲି କହିଛନ୍ତି । ଶାନ୍ତି, ପ୍ରଗତି ଏବଂ ସକାରାତ୍ମକ ମନୋଭାବ ନେଇ ଆଗକୁ ବଢ଼ିବା ଲାଗି ଏହି ପର୍ବ ପ୍ରେରଣା ଯୋଗାଇବ ବୋଲି ରାଷ୍ଟ୍ରପତି ଆଶା ବ୍ୟକ୍ତ କରିଛନ୍ତି ।

ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ କହିଛନ୍ତି ସାଂସ୍କୃତିକ ବିବିଧତା ଏବଂ ମିଳିତ ଭାବେ ଆନ୍ତରିକ ବନ୍ଧନର ସହ ବସବାସ କରିବା ଲାଗି ଏହି ପର୍ବ ପ୍ରେରଣା ଯୋଗାଇଥାଏ ।

# ରୁଷ୍-ୟୁକ୍ରେନ୍

ରୁଷ୍-ୟୁକ୍ରେନ୍ ଯୁଦ୍ଧ ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦୋମୀର ଜେଲେନ୍‌ସ୍କିଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଥିବା ବେଳେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କୁ ସମାଲୋଚନା କରିଛନ୍ତି । ଏକ ନ୍ୟୁଜ୍ ଚ୍ୟାନେଲ୍‌କୁ ସାକ୍ଷାତକାର ଦେବା ଅବସରରେ ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ ଏହି ମତ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଅସ୍ତ୍ର ବିରତି ପାଇଁ ରୁଷ୍ ସହମତି ପ୍ରଦାନ ନ କଲେ ଶୁଳ୍କ ବୃଦ୍ଧି ନେଇ ଆମେରିକା ପଦକ୍ଷେପ ଗ୍ରହଣ କରିବ । ରୁଷରୁ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରାଯିବ ବୋଲି ସେ କହିଛନ୍ତି ।  ତେବେ ରୁଷୀୟ ନେତାଙ୍କ ସହ ତାଙ୍କର ଭଲ ସଂପର୍କ ରହିଛି ଏବଂ ଯୁଦ୍ଧର ସମାଧାନର ପନ୍ଥା ବାହାରିବ ବୋଲି ଶ୍ରୀ ଟ୍ରମ୍ପ ଆଶା ବ୍ୟକ୍ତ କରିଛନ୍ତି ।

ଅନ୍ୟପକ୍ଷରେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ଶାନ୍ତି ପ୍ରୟାସ ଦିଗରେ ରୁଷ୍ ଆଗ୍ରହ ପ୍ରକାଶ କରୁ ନାହିଁ ବୋଲି ଅଭିଯୋଗ କରିବା ସହ ଆମେରିକା ଏବଂ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ  ଏଥିପାଇଁ କଡ଼ା ଅଭିମୁଖ୍ୟ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି ।

## ମ୍ୟାଁମାର-ଆର୍ଥକ୍ୱେକ୍

ମ୍ୟାଁମାର ଭୂମିକମ୍ପ ସର୍ବୋଚ୍ଚ ସ୍ତରର ଜରୁରୀକାଳୀନ ପରିସ୍ଥିତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ-ଡବ୍ଲୁଏଚ୍‌ଓ କହିଛି । ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଭୂକମ୍ପ ପରବର୍ତ୍ତୀ ରୋଗ ପ୍ରକୋପକୁ ପ୍ରତିହତ କରିବା ପାଇଁ ତୁରନ୍ତ ୮ ନିୟୁତ ଆମେରିକୀୟ ଡଲାର ଯୋଗାଇ ଦେବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁରୋଧ କରିଛି । ମ୍ୟାଁମାରରେ ସୀମିତ ସ୍ୱାସ୍ଥ୍ୟସେବା କ୍ଷମତା ଯୋଗୁଁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ସହ ଆହତ ଲୋକଙ୍କର ସଂକ୍ରମଣର ବିପଦ ରହିଛି ବୋଲି ଡବ୍ଲୁଏଚ୍‌ଓ ଆଶଙ୍କା ପ୍ରକାଶ କରିଛି । ସୂଚନାଯୋଗ୍ୟ, ମ୍ୟାଁମାରରେ ଗତ ଶୁକ୍ରବାର ହୋଇଥିବା ଭୂମିକମ୍ପରେ ଏପର୍ଯ୍ୟନ୍ତ ୧୭ଶହରୁ ଅଧିକ ଲୋକଙ୍କର ପ୍ରାଣହାନି ହୋଇଛି । ସେହିଭଳି ପଡ଼ୋଶୀ ଥାଇଲ୍ୟାଣ୍ଡରେ ଭୂକମ୍ପ ପ୍ରଭାବରେ ୧୮ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ପୋଷଣ ଅଭିଯାନ ମାଧ୍ୟମରେ ପୁଷ୍ଟିହୀନତାର ମୁକାବିଲା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ଏମ୍‌ସର ଶିଶୁରୋଗ ସର୍ଜରୀ ବିଭାଗ ଆସୋସିଏଟ୍ ପ୍ରଫେସର ଡାକ୍ତର ଅଜୟ ବର୍ମା ଏବଂ ଡାଏଟିସିଆନ୍ ଡକ୍ଟର ରିଚା ଜୟସ୍ୱାଲ ଆଲୋଚନାରେ ଅଂଶ ଗ୍ରହଣ

କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23421050  ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ଦ୍ୱିତୀୟ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ ବିଜୟୀ ହୋଇଛି । ଗୁଆହାଟୀର ବର୍ଷାପାରା କ୍ରିକେଟ ଷ୍ଟାଡିୟମରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ ୬ ରନ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ହରାଇ ଦେଇଛି । ଚେନ୍ନାଇ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ ଆରମ୍ଭ କରି ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ଓ୍ୱିକେଟ୍ ବିନିମୟରେ ୧୮୨ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ନୀତିଶ ରାଣା ୩୬ଟି ବଲ୍‌ରୁ ୮୧ ରନ୍ ସଂଗ୍ରହ କରିଥିଲେ ।  ୧୮୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଚେନ୍ନାଇ ୬ ଓ୍ୱିକେଟ୍ ବିନିମୟରେ ୧୭୬ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଋତୁରାଜ ଗାଏକ୍ୱାଡ୍ ଦଳ ପକ୍ଷରୁ ସର୍ବାଧିକ

୬୩ ରନ୍ ସଂଗ୍ରହ କରିଥିଲେ। ରାଜସ୍ଥାନ ରୟାଲ୍‌ସର ନୀତେଶ ରାଣାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଅନ୍ୟପକ୍ଷରେ ଗତକାଲିର ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ' ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୭ ୱିକେଟ୍‌ରେ ପରାସ୍ତ କରିଥିଲା । ଆଜି ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମଠାରେ ସନ୍ଧ୍ୟା ସାଢ଼େ୭ଟାରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ କୋଲ୍‌କାତା ନାଇଟ୍‌ରାଇଡର୍ସ ମଧ୍ୟରେ ମୁକାବିଲା ହେବ ।

## ଆଇଏସ୍‌ଏଲ୍

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟବଲ ପ୍ରତିଯୋଗିତାରେ ଜାମସେଦପୁର ଏଫ୍‌ସି ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ସିଲଂ ଠାରେ ଖେଳାଯାଇଥିବା ଗତକାଲିର ମ୍ୟାଚ୍‌ରେ ଜାମସେଦପୁର ୨-୦ ଗୋଲ୍‌ରେ ନର୍ଥ-ଇଷ୍ଟ୍ ୟୁନାଇଟେଡ୍ ଏଫ୍‌ସିକୁ ପରାସ୍ତ କରିଛି । ଦୁଇ ପର୍ଯ୍ୟାୟ ସେମିଫାଇନାଲ୍ ମ୍ୟାଚ୍‌ରେ ଜାମସେଦପୁର ଏଫ୍‌ସି' ଆସନ୍ତା ୩ ଏବଂ ୭ ତାରିଖରେ ମୋହନବାଗନ ସୁପରଜ୍ୟାଣ୍ଟ୍‌ସକୁ ଭେଟିବ । ଅନ୍ୟପକ୍ଷରେ ନର୍ଥ-ଇଷ୍ଟ୍ ୟୁନାଇଟେଡ୍ ଏଫ୍‌ସି ପ୍ରତିଯୋଗିତାରୁ ବାଦ୍ ପଡ଼ିଛି ।